ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

International Convention on Millets
BHUBANESWAR, ODISHA | 9TH & 10TH NOV 2023

News ID-IPR/AgFE (Od)/1205/09-11-2023

# ପୁଷ୍ଟିଶସ୍ୟଭିତ୍ତିକ ଉତ୍ପାଦଗୁଡ଼ିକର ଆକର୍ଷଣୀୟ ପ୍ୟାକେଜିଂ ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୦୯/୧୧/୨୦୨୩

ପୁଷ୍ଟିଶସ୍ୟଭିତ୍ତିକ ଉତ୍ପାଦଗୁଡ଼ିକର ଯଥାର୍ଥ ପ୍ୟାକେଜିଂ ଉପରେ ଗୁରୁତ୍ୱ ଦେବା ସକାଶେ ଗୋଟିଏ ବୈଷୟିକ ଅଧିବେଶନରେ ଆଲୋଚନା ହୋଇଛି । ଆନ୍ତର୍ଜାତିକ ପୁଷ୍ଟିଶସ୍ୟ ବର୍ଷ ୨୦୨୩ ଅବସରରେ ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱରଠାରେ ଆୟୋଜିତ ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀ ଅବସରରେ ଅନୁଷ୍ଠିତ ଏକ ଆଲୋଚନା ଚକ୍ରରେ ମିଲେଟ ଉତ୍ପାଦଗୁଡ଼ିକର ଆକର୍ଷଣୀୟ ପ୍ୟାକେଜିଂ ନେଇ ବକ୍ତାମାନେ ମତାମତ ପ୍ରଦାନ କରିଛନ୍ତି ।

ମିଲେଟ୍ ଉତ୍ପାଦଗୁଡ଼ିକର ବିପଣନ କ୍ରମେ ଉତ୍ତମ ଲାଭ ପାଇବାକୁ ଉଦ୍ୟୋଗୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ଆହ୍ୱାନଗୁଡ଼ିକୁ ପ୍ରତିହତ କରିବା ପାଇଁ ପ୍ୟାକେଜିଂର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ଦର୍ଶାଇ ଆଲୋଚକମାନେ ଏପରି ଉତ୍ପାଦଗୁଡ଼ିକର ଚାହିଦା ଓ ଯୋଗାଣକୁ ଯୋଜନାବଦ୍ଧ ଭାବରେ ପରିଚାଳନା କରିବା ନିମନ୍ତେ ପରାମର୍ଶ ଦେଇଛନ୍ତି ।

ପୁଷ୍ଟିଶସ୍ୟ ଆଧାରିତ ଖାଦ୍ୟଶିଳ୍ପରେ ପ୍ୟାକେଜିଂ ଜ୍ଞାନକୌଶଳର ବ୍ୟବହାର ପ୍ରସଙ୍ଗରେ ହୋଇଥିବା ଏହି ଆଲୋଚନା ଚକ୍ରରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପ୍ୟାକେଜିଂର ଯୁଗ୍ମ ନିର୍ଦ୍ଦେଶକ ଡ. ବାବୁ ରାଓ ଗୁଦୁରୀ, ପ୍ୟାକ୍‌ପେଡ଼ିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ହରିନାରାୟଣ ପଟେଲ, ପିଡିଲାଇଟ୍ ଇଣ୍ଡଷ୍ଟ୍ରିଜ୍‌ର ପ୍ୟାକେଜିଂ ବିକାଶ ମୁଖ୍ୟ ଶ୍ରୀମତୀ ରୁମା ଘଟକ, ପ୍ରଗତି ପ୍ୟାକ୍ ନୋଏଡା ପ୍ରା.ଲିଃର ମୁଖ୍ୟ କାର୍ଯ୍ୟନିର୍ବାହୀ ଅନନ୍ତ କୁମାର, ହାଇଦ୍ରାବାଦସ୍ଥିତ ଆଇଆଇସିଟିର ବରିଷ୍ଠ ପ୍ରମୁଖ ବିଜ୍ଞାନୀ ଡ. ଏ.ଭି.ଶେଷ ସାଇନାଥ, ଆଲେମ୍ବିକ୍ ଫାର୍ମାସିଉଟିକାଲ୍‌ର ସହକାରୀ ମୁଖ୍ୟ ପ୍ରବନ୍ଧକ ଶ୍ରୀ ଅନାହିତ କାରାଣ୍ଡେ ବକ୍ତବ୍ୟ ରଖିଥିଲେ ।

ବକ୍ତାମାନେ କହିଥିଲେ ଯେ ଉପଯୁକ୍ତ ପ୍ରକ୍ରିୟାକରଣ ସାଙ୍ଗକୁ ଜ୍ଞାନକୌଶଳ ସମ୍ବଳିତ ପ୍ୟାକେଜିଂ ମିଲେଟ୍ ଉତ୍ପାଦକୁ ମୂଲ୍ୟଯୁକ୍ତ କରିପାରିବ । ଦେଶ ତଥା ବିଦେଶରେ ମିଲେଟର ପୋଷଣୀୟ ଗୁରୁତ୍ୱ ଦିଗରେ ଆରମ୍ଭ ହୋଇଥିବା ସଚେତନତା ହେତୁ ମିଲେଟ ଚାଷୀମାନଙ୍କର ଉତ୍ପାଦଗୁଡ଼ିକର ଚାହିଦା ବଢ଼ିବାର ଯଥେଷ୍ଟ ସମ୍ଭାବନା ରହିଥିବାବେଳେ ମିଲେଟର ବ୍ରାଣ୍ଡିଂ ଓ ପ୍ୟାକେଜିଂ ନେଇ ବିଭିନ୍ନ ନୀତି ପ୍ରଣୟନ ହେବା ଉଚିତ । ମିଲେଟ ଉତ୍ପାଦର ଚାହିଦା ଭବିଷ୍ୟତରେ ଅଧିକ ଭାବରେ ବୃଦ୍ଧି ପାଇବାକୁ ଥିବାବେଳେ ଦେଶ ତଥା ଆନ୍ତର୍ଜାତିକ ବଜାରରେ ଅଗଣିତ ଉପଭୋକ୍ତାଙ୍କ ପାଖରେ ଏହାକୁ ପହଞ୍ଚାଇବାରେ ପ୍ୟାକେଜିଂର ଯଥେଷ୍ଟ ଆବଶ୍ୟକତା ରହିଛି ।

ଆଲୋଚନାରେ ସ୍ଥାନ ପାଇଥିବା ପ୍ରସଙ୍ଗଗୁଡ଼ିକ ମଧ୍ୟରେ ଉତ୍ପାଦକୁ ମୂଲ୍ୟଯୁକ୍ତ କରିବା, ଉପଯୁକ୍ତ ପ୍ୟାକେଜିଂ, ବ୍ରାଣ୍ଡିଂ, ଉତ୍ପାଦର ଆୟୁ, ବିଶ୍ୱବ୍ୟାପି ବିପଣନ ଇତ୍ୟାଦି ଅନ୍ତର୍ଭୁକ୍ତ ଥିଲା । ଆଲୋଚନାର ଅଧ୍ୟକ୍ଷ ଡ. ଗୁଦୁରୀ କହିଥିଲେ ଯେ ଉଚ୍ଚସ୍ତରୀୟ ପ୍ୟାକେଜିଂରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପ୍ୟାକେଜିଂ (ଆଇଆଇପି) ଗୁଣବତ୍ତା ଆଣିବା ଫଳରେ ଉପଭୋକ୍ତାମାନଙ୍କର ବିଶ୍ୱାସଭାଜନ ହୋଇପାରିଛି । ଆଇଆଇପି ଓ ଓଡ଼ିଶା ମିଲେଟ ମିଶନ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ବୁଝାମଣାପତ୍ରର ଫଳ ସ୍ୱରୂପ ଓଡ଼ିଶାର ପୁଷ୍ଟିଶସ୍ୟ ଉତ୍ପାଦଗୁଡ଼ିକର ମୂଲ୍ୟଯୁକ୍ତ ବ୍ୟବସାୟରୁ ଅଧିକ ଉପଲବ୍ଧି ମିଳିବ ବୋଲି ସେ ପ୍ରକାଶ କରିଥିଲେ ।

ତନୁଜା ମହାନ୍ତି
ସୂଚନା ଅଧିକାରୀ